

# THE WORD OF TRUTH

**JULY & AUGUST 2016**

An Oriya Bimonthly Bulletin
Published by the Church of Christ

# THE VOICE OF TRUTH
**Edited and Published By**
***Joshua & Kabita Gootam***

# CHURCH OF CHRIST
P.O. Box. No-80, Kakinada
A.P. -533001.
Ph : 0884-2363722.

## Vol-21. JULY-AUG2016. No-04

*Published every two months in Oriya language for the restoration of the pure New Testament Christianity.*

## The Organization of the Israel Tribes for their Journey

***Title:*** The Organization of the Israel tribes for their Journey.

***Text:*** "Every man of the children of Israel shall pitch by his own standard, with the ensign of their father's house: far off about the tabernacle of the congregation shall they pitch" (Num.2:2).

***Thesis:*** To studyGod's commandmentsabout organization of the Israel camp.

### *Introduction:*

1. After God brought Israel out of Egypt, they camped at Sinai.
2. As they were preparing to move from that location God gave them specific instructions of the placement and organization of each tribe.(Num.2:2).
3. In this lesson we will see:

a. The Lord's instructions for all the tribes concerning their location for their journey.
b. Israel's obedience.
c. Lessons we can learn from this.

### *Discussion:*

***I. The Lord's instructions for all the tribes concerning their location.***

A. The tribes on the East.

1. The tribe of Judah.

a. The army of Judah was the standard of the eastern tribes.(Num.2:3a).
b. Nahshon the son of Amminadab is the captain.(Num.2:3c).
c. The number of men in the army was 74,600.(Num.2:4).

2. The tribe of Issachar.

a. They are to be next to Judah.(Num.2:5a).
b. Nethanel the son of Zuarwas the leader of the army.(Num.2:5b).
c. The number of fighting men in the army was 54,400.(Num.2:6)

3. The tribe of Zebulun.

a. This is the third tribe on the Eastern side.
b. Eliab the son of Helon is the captain of the army.(Num.2:7).
c. The number of men numbered in this army was 57,400.(Num.2:8).

4. The total on the east side was 186,400 (Num.2:9).

# ସତ୍ୟବାଣୀ

# VOICE OF TRUTH

VOL - XXI KAKINADA JUL-AUG-2016


## ଉପାସନା ପଦ୍ଧତି

### (The Pattern of Worship)

ଆଜି ଖ୍ରୀଷ୍ଟିୟ ସମାଜରେ ଅନେକ ପଦ୍ଧତିର ଉପାସନା ଦେଖିବାକୁ ପାଇପାରୁ । କ୍ୟାଥଲିକମାନଙ୍କ ପଦ୍ଧତି ଠାରୁ ପ୍ରଟେଷ୍ଟାଣ୍ଟମାନଙ୍କ ପଦ୍ଧତି ଭିନ୍ନ । ପ୍ରଟେଷ୍ଟାଣ୍ଟ ମଣ୍ଡଳୀଗୁଡ଼ିକରେ ଅନେକ ପ୍ରକାର ପଦ୍ଧତି ଚାଲି ଆସୁଛି । ଏଥି ମଧ୍ୟରୁ କେଉଁ ପଦ୍ଧତି ପ୍ରକୃତ ପଦ୍ଧତି ?

ଏଫିସୀ ୪:୪ ଓ ମାଥିଉ ୧୬:୧୮ ପଦନୁଯାୟୀ ଏକମାତ୍ର ମଣ୍ଡଳୀ ଅଛି ଏବଂ ତାହା ଖ୍ରୀଷ୍ଟଙ୍କର ଅଟେ । ମଣ୍ଡଳୀର ଉପାସନା ପଦ୍ଧତି ମଧ୍ୟ ବାକ୍ୟରେ ଆମ୍ଭମାନଙ୍କୁ ସୁସ୍ପଷ୍ଟ କରାଯାଏ । ଏହି ଉପାସନା ପଦ୍ଧତି ଈଶ୍ୱରଙ୍କ ବାକ୍ୟାନୁଯାୟୀ ହୋଇଥିବାରୁ ଏହା ପ୍ରତ୍ୟେକ ମାନବ ପାଳନ କରିବା ଆବଶ୍ୟକ । ଏହି ପଦ୍ଧତି ବିଷୟରେ ଜାଣିବାକୁ ଆମ୍ଭମାନଙ୍କ ନୂତନ ନିୟମର ଆଦିମ ଖ୍ରୀଷ୍ଟିୟାନମାନଙ୍କ ଆଦର୍ଶ ଅନୁସନ୍ଧାନ କରିବା ଆବଶ୍ୟକ । ବାକ୍ୟ କହେ:-

ଶୟତାନ ଦ୍ୱାରା ପରୀକ୍ଷିତ ହେବା ସମୟରେ ପ୍ରଭୁ ଯୀଶୁଖ୍ରୀଷ୍ଟ ଶୟତାନକୁ କହିଲେ, ‘‘.....ରହ, ଶୟତାନ କାରଣ ଲେଖାଅଛି, ତୁମ୍ଭେ ପ୍ରଭୁ ଆପଣା ଈଶ୍ୱରଙ୍କୁ ପ୍ରମାଣ କରିବ, ପୁଣି କେବଳ ତାହାଙ୍କର ଉପାସନା କରିବ । (ମାଥିଉ ୪:୧୦)

### ସପ୍ତାହର ପ୍ରଥମ ଦିନ ଉପାସନାର ଦିନ ଅଟେ :

ଆଦିମ ଖ୍ରୀଷ୍ଟିୟାନମାନେ ସପ୍ତାହର ପ୍ରଥମ ଦିନରେ ଏକତ୍ରିତ ହେବା ନିମନ୍ତେ ଆଜ୍ଞାପିତ ହୋଇଥିଲେ । ‘‘ମୁଁ ଗଲେ ଯେପରି ଦାନ ସଂଗ୍ରହ କରିବାକୁ ପଡ଼ିବ ନାହିଁ ଏଥି ନିମନ୍ତେ ସପ୍ତାହର ପ୍ରଥମ ଦିନରେ ତୁମ୍ଭେମାନେ ପ୍ରତ୍ୟେକ ଜଣ ଆପଣା ଆପଣା

ସୁବିଧା ଅନୁସାରେ ନିଜ ନିଜ ନିକଟରେ କିଛି କିଛି ସଞ୍ଚୟ କରି ରଖ । ( ୧ମ କରିନ୍ଥ ୧୬:୨ ) ।

ଖ୍ରୀଷ୍ଟିୟାନମାନେ ପରମେଶ୍ୱରଙ୍କ ଉପାସନା କରିବାକୁ ଆଜ୍ଞାପିତ ହୋଇଅଛନ୍ତି- ''ସେମାନେ ପ୍ରେରିତମାନଙ୍କ ଶିକ୍ଷାରେ ସହଭାଗିତାରେ ରୋଟୀ ଭାଙ୍ଗିବାରେ ଓ ପ୍ରାର୍ଥନା କରିବାରେ ନିବିଷ୍ଟ ଚିତ୍ତ ହୋଇ ରହିଲେ । ( ପ୍ରେରିତ ୨:୪୨ ) । ''ସପ୍ତାହର ପ୍ରଥମ ଦିନରେ ଯେତେବେଳେ ପାଉଲ ପରଦିନ ପ୍ରସ୍ଥାନ କରିବେ ବୋଲି ଉଦ୍ୟତ ହେଉଥିବାରୁ ସେମାନଙ୍କୁ ଉପଦେଶ ଦେବାକୁ ଲାଗିଲେ ଓ ଅର୍ଦ୍ଧରାତ୍ର ପର୍ଯ୍ୟନ୍ତ ଦୀର୍ଘ ବକ୍ତୃତା ଦେଲେ । ( ପ୍ରେରିତ ୨୦:୭ )

କିପରି ଉପାସନା କରିବା ବିଷୟରେ ଖ୍ରୀଷ୍ଟ କହନ୍ତି, ''କିନ୍ତୁ ଯେଉଁ ସମୟରେ ସତ୍ୟ ଉପାସକମାନେ ଆତ୍ମାରେ ଓ ସତ୍ୟରେ ପିତାଙ୍କର ଉପାସନା କରିବେ, ସେପରି ସମୟ ଆସୁଅଛି । ପୁଣି, ବର୍ତ୍ତମାନ ସୁଦ୍ଧା ଉପସ୍ଥିତ, କାରଣ ପିତା ଏହି ପ୍ରକାର ଉପାସକ ଚାହାନ୍ତି । ଈଶ୍ୱର ଆତ୍ମା, ପୁଣି ଯେଉଁମାନେ ତାହାଙ୍କର ଉପାସନା କରନ୍ତି, ଆତ୍ମାରେ ଓ ସତ୍ୟରେ ଉପାସନା ସେମାନଙ୍କର ଉଚିତ । ( ଯୋହନ ୪:୨୩, ୨୪ )

ଉପାସନାର ପାଞ୍ଚଟି ଅଂଶ :- ବାକ୍ୟଧ୍ୟାନ ( ୨ୟ ତୀମଥି ୨:୧୫ ) ପ୍ରାର୍ଥନା ( ପ୍ରେରିତ ୨:୪୨ ) ଗୀତ ଗାଉନ ( ଏଫିସୀ ୫:୧୯ ), ପ୍ରଭୁଭୋଜରେ ଭାଗି ହେବା ( ମାଥିଉ ୨୬:୨୬-୨୮ ) ଏବଂ ଚାନ୍ଦା ଦେବା ( ୨ୟ କରିନ୍ଥୀ ୯:୬,୭ ) ଏହି ପାଞ୍ଚ ଅଂଶ ବ୍ୟତୀତ ଅନ୍ୟାନ୍ୟ ବିଷୟରେ ବାକ୍ୟରେ କୁହାଯାଏ ନାହିଁ, ଅତଏବ ଉପାସନା, ଏହି ପାଞ୍ଚଟି ବିଷୟରେ ସୀମାବଦ୍ଧ ହେବା ଆବଶ୍ୟକ ।

ଉପାସନା ପରିତ୍ୟାଗ କରିବା ବିଷୟରେ ବାକ୍ୟ କହେ, ''ଆଉ କେହି କେହି ଯେପରି ଆମ୍ଭମାନଙ୍କ ମଣ୍ଡଳୀ ଉପାସନା ପରିତ୍ୟାଗ କରିଥାଆନ୍ତି, ଆମ୍ଭେମାନେ ଯେପରି ନ କରୁ, ବରଂ ପରସ୍ପର ଉତ୍ସାହ ଦେଉ, ବିଶେଷତଃ ଯେତେବେଳେ ତୁମ୍ଭେମାନେ ପ୍ରଭୁଙ୍କ ଦିନ ନିକଟବର୍ତ୍ତୀ ହୋଇ ଆସୁଅଛି ବୋଲି ଦେଖୁଅଛୁ ।'' ( ଏବ୍ରୀ ୧୦:୨୫ )

ନୂତନ ନିୟମ ଉପାସନାର ଭିତ୍ତିମୂଳ ପ୍ରଭୁଙ୍କ ବାକ୍ୟ ଅଟେ । ଈଶ୍ୱରଙ୍କ ବାକ୍ୟ ପ୍ରଚାରକ ପରି ପ୍ରତ୍ୟେକ ପ୍ରଚାର କରିବା ନିମନ୍ତେ ପିତର ଆପଣା ପତ୍ରରେ ବ୍ୟକ୍ତ କରନ୍ତି । ( ୧ମ ପିତର ୪:୧୧ ) । ତାହାଙ୍କ ବାକ୍ୟ ଅତିକ୍ରମ କରି କୌଣସି

କାର୍ଯ୍ୟ କରାଯାଏ ନାହିଁ । ଅନ୍ୟାନ୍ୟ ଖ୍ରୀଷ୍ଟିୟ ଦଳରେ ପରିଚାଳିତ ହେଉଥିବା କେତୋଟି କାର୍ଯ୍ୟ ନୂତନ ନିୟମର ଖ୍ରୀଷ୍ଟଙ୍କ ମଣ୍ଡଳୀରେ ଦେଖିବାକୁ ମିଳେ ନାହିଁ । ସେଗୁଡ଼ିକ ହେଲା :-

ଯାନ୍ତ୍ରିକ ସଙ୍ଗୀତରେ ବ୍ୟବହାର କରାଯାଏ ନାହିଁ । ଗୀତ ଓ ସଙ୍ଗୀତ ଦ୍ୱାରା ଈଶ୍ୱରଙ୍କ ନାମ ଗୌରବାନ୍ୱିତ କରିବା ନିମନ୍ତେ ଆମ୍ଭେମାନେ ଆଜ୍ଞାପିତ ହୋଇଅଛୁ । ପାଉଲ କହନ୍ତି ସ୍ତୋତ୍ର ଓ ଆଧ୍ୟାତ୍ମିକ ସଂକୀର୍ତ୍ତନ ଦ୍ୱାରା ପରସ୍ପରକୁ ଉତ୍ସାହ ଦିଅ, ପୁଣି ତୁମ୍ଭମାନଙ୍କୁ ହୃଦୟରେ ଈଶ୍ୱରଙ୍କ ଉଦ୍ଦେଶ୍ୟରେ ସଂକୀର୍ତ୍ତନ ଓ ଗୀତ ଗାନ କର । (ଏଫିସୀ ୫:୧୯) ।

ଦଶମାଂଶ ଅର୍ପଣ କରାଯାଏ ନାହିଁ । କାରଣ ଆମ୍ଭେମାନେ ଆପଣା ଆପଣା ଅଭିବୃଦ୍ଧିନୁଯାୟୀ ଦାନ ଦେବା ନିମନ୍ତେ ଆଜ୍ଞାପିତ ହୋଇଅଛୁ । (୧ମ କରିନ୍ଥୀ ୧୬:୨)

ସପ୍ତାହର ପ୍ରଥମ ଦିନରେ ଦାନ ସଂଗ୍ରହ କରିବାକୁ ଆଜ୍ଞାପିତ ହୋଇଥିବାରୁ ସପ୍ତାହର ଅନ୍ୟ ଦିନ ମାନଙ୍କରେ ଦାନ ସଂଗ୍ରହ କରାଯାଏ ନାହିଁ ।

ଯଦି, ପର୍ବାଣୀ ବିଷୟରେ ବାକ୍ୟ କହେ, ''ତୁମ୍ଭେମାନେ ବିଶେଷ ବିଶେଷ ଦିନ, ମାସ ପର୍ବ ଓ ବର୍ଷ ପାଳନ କରିଥାଅ । ତୁମ୍ଭମାନଙ୍କ ନିମନ୍ତେ ମୁଁ ଯେଉଁ ପରିଶ୍ରମ କରିଅଛି କାଳେ ତାହା ବ୍ୟର୍ଥ ହୁଏ, ତୁମ୍ଭମାନଙ୍କ ସମ୍ବନ୍ଧରେ ମୋହର ଏହି ଭୟ ହେଉଅଛି (ଗାଲାତୀ ୪:୧୦,୧୧) । ତେଣୁକରି ଖ୍ରୀଷ୍ଟଙ୍କ ମଣ୍ଡଳୀ କୌଣସି ପର୍ବପର୍ବାଣୀ ପାଳନ କରାଯାଏ ନାହିଁ ।

ପ୍ରେରିତ ୨୦:୭ ପଦନୁଯାୟୀ ଆଦିମ ଖ୍ରୀଷ୍ଟିୟାନମାନେ ପ୍ରତ୍ୟେକ ସପ୍ତାହର ପ୍ରଥମ ଦିନରେ ରୋଟୀ ଭାଙ୍ଗୁଥିଲେ । ସେମାନଙ୍କ ଅନୁସରଣ କରି ଏବେ ଖ୍ରୀଷ୍ଟିୟାନମାନେ କେବଳ ସପ୍ତାହର ପ୍ରଥମ ଦିନରେ ପ୍ରଭୁଭୋଜରେ ଭାଗୀ ହୁଅନ୍ତି ଅନ୍ୟ କୌଣସି ଦିନରେ ନୁହେଁ ।

ପ୍ରାଚୀନ ରୀତିନୀତି କିଅବା କୌଣସି ପ୍ରଥାର ଖ୍ରୀଷ୍ଟଙ୍କ ମଣ୍ଡଳୀ ସ୍ଥାନ ନାହିଁ । କାରଣ ବାକ୍ୟ କହେ, ''ଯେଣୁ ତୁମ୍ଭେମାନେ ଜାଣ ଯେ ତୁମ୍ଭମାନଙ୍କ ଠାରୁ ପ୍ରାପ୍ତ ପରମ୍ପରାଗତ ନିରର୍ଥକ ଆଚାର ବ୍ୟବହାରରୁ ରୂପା କି ସୁନା ପରି କ୍ଷୟଣୀୟ ବସ୍ତୁ ଦ୍ୱାରା ମୁକ୍ତ ନ ହୋଇ.... । (୧ମ ପିତର ୧:୧୮) । ''ସାବଧାନ, କାଳେ କେହି

ଖ୍ରୀଷ୍ଟଙ୍କ ଶିକ୍ଷାର ଅସଙ୍ଗତ ମନୁଷ୍ୟର ପରମ୍ପରାଗତ ଓ ଜଗତର ପ୍ରାଥମିକ ଶିକ୍ଷାନୁଯାୟୀ ଦର୍ଶନ ବିଦ୍ୟା ଓ ନିରର୍ଥକ ପ୍ରତାରଣା ଦ୍ୱାରା ତୁମ୍ଭମାନଙ୍କୁ ବନ୍ଦୀ କରିଦିଏ। (କଲସୀ ୨:୮)

ମାନବମାନଙ୍କ ସ୍ୱନୀତିଗୁଡ଼ିକ ଖ୍ରୀଷ୍ଟଙ୍କ ମଣ୍ଡଳୀରେ ସ୍ଥାନ ପାଏ ନାହିଁ। ''ତୁମ୍ଭେମାନେ ଯଦି ଖ୍ରୀଷ୍ଟଙ୍କ ସହିତ ଜଗତର ପ୍ରାଥମିକ ଶିକ୍ଷା ପ୍ରତି ମୃତ ହୋଇଅଛ, ତେବେ ମନୁଷ୍ୟର ବିଧି ଓ ଶିକ୍ଷାନୁସାରେ ଧର ନାହିଁ, ଖାଅ ନାହିଁ ବା ଛୁଅଁ ନାହିଁ। ସାଂସାରିକ ଲୋକ ପରି ଏହି ପ୍ରକାର ବିଧିବିଧାନରେ କାହିଁକି ବଶୀଭୂତ ହୋଇଅଛ ?'' (କଲସୀ ୨:୨୦-୨୨)।

ପୁରାତନ ନିୟମର ନିୟମାବଳୀ ଖ୍ରୀଷ୍ଟଙ୍କ ମଣ୍ଡଳୀରେ ଅନୁସରଣ କରାଯାଏ ନାହିଁ। ବିଶ୍ରାମବାର, ଦଶମାଂଶ, ଯାନ୍ତ୍ରିକ ସଙ୍ଗୀତ ପ୍ରଭୃତି ବିଷୟ ବାକ୍ୟାଂଶ ପୁରାତନ ନିୟମରୁ ଯୋଗ କରି ମଣ୍ଡଳୀଗୁଡ଼ିକ ଭ୍ରାନ୍ତଭାବେ ଈଶ୍ୱରଙ୍କ ଆରାଧନା କରନ୍ତି କାରଣ ପୁରାତନ ନିୟମ ଖ୍ରୀଷ୍ଟଙ୍କ ମରଣରେ ଅନ୍ତ ହୋଇଅଛି। (୨ୟ କରିନ୍ଥୀ ୩, ଏବ୍ରୀ ୧୦:୯, ଯୋହନ ୧:୧୭)।

ଅତଏବ, ଯୋଗ ବିଯୋଗ ବିନା କେବଳ ନୂତନ ନିୟମ ପାଳନ କରିବା ଆମ୍ଭମାନଙ୍କ କର୍ତ୍ତବ୍ୟ। (ପ୍ରକାଶିତ ୨୨:୧୮,୧. ଗାଲାତୀ ୧:୭,୯)। ଏହା ପ୍ରତ୍ୟେକ ଉତ୍ତମ କାର୍ଯ୍ୟ କରିବାକୁ ମନୁଷ୍ୟମାନଙ୍କୁ ନିର୍ଦ୍ଦେଶ କରେ। ଉତ୍ତମ ଓ ଧାର୍ମିକତା ଜୀବନ ନିମନ୍ତେ ଆବଶ୍ୟକୀୟ ନିୟମାବଳୀ ନୂତନ ନିୟମରେ ନିହିତ ହୋଇଅଛି। (୨ୟ ପିତର ୧:୩)।

ନୂତନ ନିୟମରେ ଏହି ନିୟମାବଳୀ ପ୍ରତ୍ୟେକ ପାଳନ କଲେ ଆମ୍ଭେମାନେ ଏକତା ଲାଭ କରିପାରିବା। ପିତା ପରମେଶ୍ୱରଙ୍କୁ ମନୁଷ୍ୟମାନେ ବିଭିନ୍ନ ଉପାୟରେ ଉପାସନା କରିବା ଲୋଡ଼ନ୍ତି ନାହିଁ। ଆସ ଆମ୍ଭେମାନେ ନୂତନ ନିୟମର ନିୟମାବଳୀ ଅନୁସରଣ କରି ଆମ୍ଭମାନଙ୍କ ସୃଷ୍ଟିକର୍ତ୍ତା, ପାଳନକର୍ତ୍ତା ଓ ରକ୍ଷାକର୍ତ୍ତା ପିତା ପରମେଶ୍ୱର ଓ ତ୍ରାଣକର୍ତ୍ତା ଯୀଶୁଖ୍ରୀଷ୍ଟଙ୍କ ଉପାସନା କରି ତାହାଙ୍କ ନିକଟବର୍ତ୍ତୀ ହେଉଁ।

**- J.C. Choate**

❋ ❋ ❋

# ବାକ୍ୟଧ୍ୟାନର ସରଳ ସୂତ୍ର
## (How to study your Bible)

ବାଇବଲ ଏକ କ୍ଷୁଦ୍ର ଗ୍ରନ୍ଥାଳୟ । ଏହି ଗ୍ରନ୍ଥାଳୟରେ ୬୬ ପୁସ୍ତକ ଗୁଡ଼ିକର ସମଷ୍ଟି । ଏଥିରୁ ୩୯ ପୁସ୍ତକଗୁଡ଼ିକ ପୁରାତନ ନିୟମ ଅନ୍ତର୍ଭୁକ୍ତ ଓ ଅବଶିଷ୍ଟ ୨୭ ନୂତନ ନିୟମ ରୂପେ ପରିଚିତ । ଏହି ପୁସ୍ତକଗୁଡ଼ିକର ମୂଳବସ୍ତୁ ଏକ ହୋଇଥିବାରୁ ଏହା ଏକ ପୁସ୍ତକ ରୂପେ ସଂକଳିତ ହୋଇଅଛି । ପ୍ରେମମୟ ପିତା ପରମେଶ୍ୱର ଆପଣା ଅଦ୍ୱିତୀୟ ପୁତ୍ରଙ୍କ ଦ୍ୱାରା ଜଗତର ପାପ ମୋଚନ କରିଅଛନ୍ତି । ଏହାହିଁ ବାଇବଲର ମୁଖ୍ୟ ମୂଳବସ୍ତୁ । ପୁରାତନ ନିୟମର ୩୯ ପୁସ୍ତକ ଗୁଡ଼ିକରେ ଖ୍ରୀଷ୍ଟଙ୍କ ଏହି ଜଗତର ଆଗମନ ବିଷୟରେ, ନୂତନ ନିୟମର ପ୍ରଥମ ଚାରି ପୁସ୍ତକ ତାହାଙ୍କ ଜାଗତିକ ଜୀବନଯାପନ ବିଷୟରେ ଏବଂ ଶେଷ ୨୩ ପୁସ୍ତକରେ ତାହାଙ୍କ ଆଜ୍ଞାବହମାନଙ୍କୁ ଆପଣା ନିକଟକୁ ଘେନିଯିବା ନିମନ୍ତେ ସେ ପୁନଃର୍ବାର ଏହି ଜଗତରେ ଆଗମନ କରିବେ ବୋଲି ପଢ଼ିପାରୁ ।

ବାଇବଲରୁ ସଠିକ୍ ଭାବେ ବୁଝିବା ନିମନ୍ତେ ଆମ୍ଭମାନଙ୍କୁ ପଢ଼ିବା ସମୟରେ ଆପଣା ଅପାଣାକୁ ୫ଟି ପ୍ରଶ୍ନ ପଚାରିବା ଆବଶ୍ୟକ (୧) କିଏ କହୁଅଛନ୍ତି (୨) କାହାକୁ କହୁଅଛନ୍ତି (୩) କେବେ କହିଅଛନ୍ତି (୪) କେଉଁ ଭାଷାରେ କହୁଅଛନ୍ତି (୫) କେଉଁ ପରିସ୍ଥିତିରେ କହୁଅଛନ୍ତି । ଏହି ପ୍ରଶ୍ନଗୁଡ଼ିକର ସଠିକ୍ ଉତ୍ତର ପାଇଲେ ଆମ୍ଭେମାନେ ଈଶ୍ୱରଙ୍କ ବାକ୍ୟ ସରଳଭାବେ ବୁଝିପାରିବା ।

**(୧) କିଏ କହୁଅଛନ୍ତି ?** ବାଇବଲରେ ଲିଖିତ ପ୍ରତ୍ୟେକ ଅଂଶ ଈଶ୍ୱରଙ୍କ ଆତ୍ମାଙ୍କ ପ୍ରେରଣାରେ ମନୁଷ୍ୟମାନଙ୍କ ଦ୍ୱାରା ଲିଖିତ ହୋଇଅଛି । ଈଶ୍ୱର ନିଃଶ୍ୱସିତ ଲେଖକଗଣ ଅଧାର୍ମିକମାନଙ୍କ ବିଷୟରେ ମଧ୍ୟ ଆପଣା ଲେଖନୀରେ ଉଲ୍ଲେଖ କରନ୍ତି । ଏପରିକି ଶୟତାନ ଦ୍ୱାରା ବ୍ୟକ୍ତ କେତୋଟି ବାକ୍ୟ ମଧ୍ୟ ପବିତ୍ର ବାଇବଲରେ ପଢ଼ିପାରୁ । (ଆୟୁବ ୧:୯-୧୧, ୨,.୫, ମାଥିଉ ୪:୩, ୬,୯) କିନ୍ତୁ ସେଗୁଡ଼ିକ ଆମ୍ଭମାନଙ୍କ ପାଳନାର୍ଥେ ନୁହେଁ । ପ୍ରଶ୍ନ ''କିଏ କହୁଅଛନ୍ତି ?''ର ସୂତ୍ର ଆମ୍ଭମାନଙ୍କୁ ଲିଖିତ ବାକ୍ୟ ଆମ୍ଭମାନଙ୍କ ପାଳନ ନିମନ୍ତେ ଦିଆଯାଇଅଛି କି ନାହିଁ ଜାଣିବାର ସାହାଯ୍ୟ କରେ ।

**(୨) କାହାକୁ କହିଅଛନ୍ତି ?** ଆଦି ୬:୧୪ ପଦରେ ସଦାପ୍ରଭୁ ଧାର୍ମିକ ନୋହଙ୍କୁ କହନ୍ତି,''ତୁମ୍ଭେ ଗୋଫର କାଷ୍ଠରେ ଗୋଟିଏ ଜାହାଜ ନିର୍ମାଣ କର ତହିଁରେ ନାନା କୋଠରୀ ବନାଇ ତହିଁର ଭିତର ଓ ବାହାର ଝୁଣା ଲେପନ କର'' ପିତା ପରମେଶ୍ୱରଙ୍କ ଦୃଷ୍ଟିରେ ଧାର୍ମିକ ଗଣିତ ହେବା ନିମନ୍ତେ ଆମ୍ଭେମାନେ କି ଗୋଫର କାଷ୍ଠରେ ଜାହାଜ ନିର୍ମାଣ କରିବା ଆବଶ୍ୟକ ? ଆମ୍ଭେମାନେ ସେପରି କରି ପରମେଶ୍ୱରଙ୍କୁ ସନ୍ତୁଷ୍ଟ କରି ନ ପାରୁ । ମହାବନ୍ୟାରୁ ସପରିବାରେ ରକ୍ଷା ପାଇବା ନିମନ୍ତେ ନୋହଙ୍କର ଜାହାଜ ନିର୍ମାଣ ଆବଶ୍ୟକ ଥିଲା । ଦ୍ୱିତୀୟ ପ୍ରଶ୍ନ, ''କାହାକୁ କହୁଅଛନ୍ତି'' ପ୍ରଶ୍ନ ସାହାଯ୍ୟରେ ଏହି ଲିଖିତ ବାକ୍ୟାଂଶ (ଆଦି ୬:୪) ଆମ୍ଭମାନଙ୍କ ପାଳନ ନିମନ୍ତେ ଦତ୍ତ ହୋଇ ନ ଥିଲା ବୋଲି ଜାଣୁଅଛୁ :

**(୩) କେବେ କହିଅଛନ୍ତି ?** କୁଳପତିମାନଙ୍କ ଯୁଗର ସମୟରେ ସଦାପ୍ରଭୁ ପରମେଶ୍ୱର ପ୍ରତ୍ୟକ୍ଷ ଭାବେ ପରିବାରର ପିତା ସହିତ କଥାବାର୍ତ୍ତା କରୁଥିଲେ । ମୋଶାଙ୍କ ବ୍ୟବସ୍ଥା ସମୟରେ ମୋଶାଙ୍କ ଦ୍ୱାରା ତଥା ଅନ୍ୟ ଭବିଷ୍ୟଦ୍‌ବକ୍ତାମାନଙ୍କ ଦ୍ୱାରା ସଦାପ୍ରଭୁ ଇଶ୍ରାଏଲମାନଙ୍କ ସହିତ କଥା କହୁଥିଲେ । ଏହି ଅନୁଗ୍ରହ ଯୁଗରେ ପିତା ପରମେଶ୍ୱର ଆପଣା ପ୍ରିୟ ପୁତ୍ର ଯୀଶୁଖ୍ରୀଷ୍ଟଙ୍କ ନୂତନ ନିୟମ ଦ୍ୱାରା କଥା କହୁଅଛନ୍ତି ।

ମୋଶାଙ୍କ ବ୍ୟବସ୍ଥା ସମୟରେ ପଶୁବଳି, ବିଶ୍ରାମବାର ପାଳନ ବିଶେଷ ଦିନ ପାଳନ, ଯାନ୍ତ୍ରିକ ସଙ୍ଗୀତ, ମନୋନୀତ ଯାଜକତ୍ୱ ପ୍ରଭୃତି ପରମେଶ୍ୱର ଉଦ୍ଦେଶ୍ୟରେ ପାଳନୀୟ ବିଧି ବିଧାନ ପ୍ରଚଳିତ ଥିଲା (ଯାତ୍ରା ୨୦:୮-୧୧, ଲେବୀ ୨୩: ୧ମ ବଂଶାବଳୀ ୨୫:୨ୟ ବଂଶାବଳୀ ୨୯:୨୫, ଗୀତ ସଂହିତା ୧୫୦) । ତ୍ରାଣକର୍ତ୍ତା ପ୍ରଭୁ ଯୀଶୁଖ୍ରୀଷ୍ଟ ପୁରାତନ ନିୟମ ସଫଳ କରି ଅନ୍ତ କରିଅଛନ୍ତି । (କଲସୀ ୧:୪୪) । ଏବେ ଆମ୍ଭେମାନେ ଖ୍ରୀଷ୍ଟଙ୍କ ନୂତନ ନିୟମାଧିନ ଅଟୁ । ୩ୟ ପ୍ରଶ୍ନ ''କେବେ କହିଅଛନ୍ତି''ର ସାହାଯ୍ୟରେ ଆମ୍ଭେମାନେ ପୁରାତନ ନିୟମର ଉପାସନା ପଦ୍ଧତି ଆମ୍ଭମାନଙ୍କ ପାଳନାର୍ଥେ ନୁହେଁ ବୋଲି ଜାଣିପାରୁ । ଆମ୍ଭେମାନେ ବର୍ତ୍ତମାନ କିପରି ତାହାଙ୍କ ଉପାସନା କରିବା ଆବଶ୍ୟକ ତାହା ନୂତନ ନିୟମରେ ବର୍ଣ୍ଣିତ କରାଯାଇଅଛି ।

**(୪) କେଉଁଭାଷାରେ କହିଅଛନ୍ତି ?** ମନୁଷ୍ୟର ପ୍ରତ୍ୟେକ ଭାଷାରେ ଆକ୍ଷରିକ ଓ ଆଳଙ୍କାରିକ ଭାବ ଥାଏ । ଆଦି ପୁସ୍ତକ ଯାତ୍ରାପୁସ୍ତକରେ ଏବଂ ପ୍ରେରିତ ମାନଙ୍କ କାର୍ଯ୍ୟର ବିବରଣର ପୁସ୍ତକ ଲିଖିତ ବାକ୍ୟଗୁଡ଼ିକ ଇତିହାସ । ଉ:ଦା-ଆକ୍ଷରିକ ଭାଷାରେ (Literal Language) ରେ ମେଷର ଅର୍ଥ ଲୋମ ବିଶିଷ୍ଟ ଏକ ଚତୁଷ୍ପଦ ପ୍ରାଣୀ ।

କିନ୍ତୁ ଆଳଙ୍କାରିକ ଭାଷାରେ ବାକ୍ୟର ଅର୍ଥ ଭିନ୍ନ ଥାଏ । ଏପରି ଭାଷାରେ ମେଷର ଅର୍ଥ ଏକ ଚତୁଷ୍ପଦ ପ୍ରାଣୀ ନୁହେଁ । କିନ୍ତୁ ମେଷର ଗୁଣ ବିଶିଷ୍ଟ ଅନ୍ୟ କିଛି । ପ୍ରଭୁ ଯୀଶୁଖ୍ରୀଷ୍ଟ ମନୁଷ୍ୟ ଶରୀର ଧାରୀ ପିତା ପରମେଶ୍ୱର ଅଦ୍ୱିତୀୟ ପୁତ୍ର ଅଟନ୍ତି । ଆଳଙ୍କାରିକ ଭାଷାରେ ତାହାଙ୍କୁ ମେଷ ସହିତ ତୁଳନା କରାଯାଏ । ବାପ୍ତିଜକ ଯୋହନ କହିଲେ, ''.....ଏହି ଦେଖ ଈଶ୍ୱରଙ୍କ ମେଷଶାବକ ଯେ ଜଗତର ପାପ ବହି ନେଇଯାଆନ୍ତି ।'' (ଯୋହନ ୧:୨୯) । ପୁରାତନ ନିୟମାନୁଯାୟୀ ପାପ ମୋଚନ ନିମନ୍ତେ ମେଷଶାବକ ବଳି ଉତ୍ସର୍ଗ କରାଯାଉଥିଲା । ବାପ୍ତିଜକ ଯୋହନ ଏହି ବାକ୍ୟର ଅର୍ଥ ଯୀଶୁଖ୍ରୀଷ୍ଟ ଜଗତର ପାପ ମୋଚନ ପାଇଁ ବଳି ନିମନ୍ତ ଆପଣାକୁ ଉତ୍ସର୍ଗ କରୁଥିବା ମେଷ ସଦୃଶ୍ୟ ଅଟନ୍ତି କିନ୍ତୁ ସେ ନିଜେ ଏକ ମେଷ ନୁହନ୍ତି ।

**(୫) କେଉଁ ପରିସ୍ଥିତିରେ କୁହାଯାଇଅଛି ?** ଲେଖକଙ୍କ ପାରିପାର୍ଶ୍ୱିକ ଅବସ୍ଥା ବୁଝିପାରିଲେ ଆମ୍ଭେମାନେ ତାହାଙ୍କ ଲେଖନୀ ଆହୁରି ସରଳ ଭାବେ ବୁଝିପାରିବା । ପଥୁରିଆ ପାତ୍ମ ଦ୍ୱୀପରେ ପ୍ରେରିତ ଯୋହନ ରୋମୀୟ ସାମ୍ରାଜ୍ୟ ଦ୍ୱାରା କାରାବାସ ଭୋଗିବା ସମୟରେ ପ୍ରକାଶିତ ବାକ୍ୟ ପୁସ୍ତକ ଲେଖିଥିଲେ । ଖ୍ରୀ:ଜ: ୯୫-୧୦୦ ମସିହା ସମୟରେ ଏହି ବିଜାତୀୟ ସାମ୍ରାଜ୍ୟ ଖ୍ରୀଷ୍ଟିୟାନମାନଙ୍କୁ ତାଡ଼ନା କରୁଥିଲା । ପ୍ରଥମ ଶତାବ୍ଦୀର ତାଡ଼ିତ ଖ୍ରୀଷ୍ଟିୟାନମାନଙ୍କୁ ତାଡ଼ନା କରୁଥିଲା । ପ୍ରଥମ ଶତାବ୍ଦୀର ତାଡ଼ିତ ଖ୍ରୀଷ୍ଟିୟାନମାନଙ୍କ ନିମନ୍ତେ ଏହି ପୁସ୍ତକ ଲିଖିତ ହୋଇଥିଲା । (ପ୍ରକାଶିତ ୨:୭,୧୧, ୧୭,୨.୩:୫, ୧୨,୨୧) ଏହି ପୁସ୍ତକ ଜରିଆରେ ସେମାନେ ଅତ୍ୟଧିକ ଭାବେ ସାନ୍ତ୍ୱନା ପ୍ରାପ୍ତ ହୋଇଥିଲେ ।

ବାଇବଲ ଈଶ୍ୱର ନିଃଶ୍ୱସିତ ମହାନ ପୁସ୍ତକ । ଏହା ମନୁଷ୍ୟର ପରିତ୍ରାଣାର୍ଥେ [illegible] ଦତ୍ତ ଉପହାର । ସେଥିରେ ଲିଖିତ ବାକ୍ୟ ଆଜ୍ଞାବହ ହେବା ନିମନ୍ତେ ଆମ୍ଭମାନଙ୍କ [illegible]ରୂପେ ଧ୍ୟାନ କରିବା ଆବଶ୍ୟକ । ତେଣୁକରି ତୀମଥିଙ୍କୁ ପାଉଲ ଲେଖନ୍ତି

''ସତ୍ୟ ବାକ୍ୟ ଯଥାର୍ଥରୂପେ ବ୍ୟବହାର କରି ଯେଉଁ କାର୍ଯ୍ୟକାରୀର ଲଜ୍ଜାବୋଧ କରିବା ଆବଶ୍ୟକ ନୁହେଁ, ତାହାର ପରି ଈଶ୍ୱରଙ୍କ ନିକଟରେ ଆପଣାକୁ ପରୀକ୍ଷା ସିଦ୍ଧ ଦେଖାଇବାକୁ ଯତ୍ନ କର ।'' (୨ୟ ତୀମଥି ୨ : ୧୫) ଉପରୋକ୍ତ ୫ଟି ସରଳସୂତ୍ର ଦ୍ୱାରା ଆମ୍ଭେମାନେ ଈଶ୍ୱରଙ୍କ ଲିଖିତ ବାକ୍ୟ ସଠିକ୍ ଭାବେ ବୁଝିପାରିବା । ଯାହା ପାଳନ କରି ଆମ୍ଭେମାନେ ଅନନ୍ତ ଜୀବନ ପାଇପାରିବା ।

**- Rod Rutherford**

❋ ❋ ❋

# ତ୍ରିଏକ ଈଶ୍ୱର
## (The God head)

ମନୁଷ୍ୟମାନଙ୍କ ଅବୁଝା ''ତ୍ରିଏକ ଈଶ୍ୱର'' ବୋଲି ଏହି ପଦ ବାଇବଲରେ ଲିଖିତ ହୋଇନାହିଁ । ଦ୍ୱିତୀୟ ବିବରଣୀ ୬:୪ ଯିଶାଇୟ ୪୪:୬, ୪୫:୫,. ୧ମ କରିନ୍ଥୀ ୮:୬ ପଦନୁଯାୟୀ ଈଶ୍ୱର ଏକ ଅଟନ୍ତି । ବାଇବଲ ପିତା ପୁତ୍ରଙ୍କୁ ଓ ପବିତ୍ର ଆତ୍ମାଙ୍କୁ ମଧ୍ୟ ଈଶ୍ୱର ବୋଲି ଉପସ୍ଥାପିତ କରେ । (ଏଫିସୀ ୧:୩, ଏବ୍ରୀ ୧:୮, ପ୍ରେରିତ ୫:୩,୪)

ପ୍ରେରିତ ୧୭:୨୯, ରୋମୀୟ ୧:୨୦, କଲସୀ ୨:୯ ପଦଗୁଡ଼ିକରେ ''ଈଶ୍ୱରତ୍ୱ'' ବା God head ପଦ ବ୍ୟବହୃତ ହୋଇଅଛି । ପୁରାତନ ନିୟମରେ ଈଶ୍ୱର ଆପଣାକୁ ''ଆମ୍ଭେ'' ''ଆମ୍ଭର'' ପ୍ରଭୃତି ବହୁବଚନ ପଦ ଦ୍ୱାରା ପରିଚିତ କରାନ୍ତି । (ଆଦି ୧:୨୬,୨. ୩:୨୨, ୧୧:୭, ଯିଶାଇୟ ୬:୮) । ନୂତନ ନିୟମରେ ଅନେକ ପଦଗୁଡ଼ିକ ପିତା, ପୁତ୍ର ଓ ପବିତ୍ର ଆତ୍ମାଙ୍କୁ ସମ୍ମିଳିତ ଭାବେ ଉପସ୍ଥାପିତ କରାଯାଏ । ଉଦାହରଣ ସ୍ୱରୂପ :- ''ଯୀଶୁ ବାପ୍ତିଜିତ ହେଲାକ୍ଷଣି ଜଳରୁ ଉଠି ଆସିଲେ ଆଉ ଦେଖ ଆକାଶ ଉନ୍ମୁକ୍ତ ହେଲା, ପୁଣି ସେ ଈଶ୍ୱରଙ୍କ ଆତ୍ମାଙ୍କୁ କପୋତ ପରି ଅବତରଣ କରି ଆପଣା ଉପରକୁ ଆସିବା ଦେଖିଲେ । ଆଉ ଦେଖ, ଆକାଶରୁ ଏହି ବାଣୀ ହେଲା, ''ଏ ଆମ୍ଭର ପ୍ରିୟ ପୁତ୍ର ଏହାଙ୍କ ଠାରେ ଆମ୍ଭର ପରମ

ସନ୍ତୋଷ ।'' (ମାଥିଉ ୩:୧୬, ୧୬) । ଅତଏବ, ତୁମ୍ଭେମାନେ ଯାଇ ସମସ୍ତ ଜାତିର ଲୋକଙ୍କୁ ପିତା, ପୁତ୍ର ଓ ପବିତ୍ର ଆତ୍ମା ନାମରେ ବାପ୍ତିସ୍ମ ଦେଇ ମୁଁ ତୁମ୍ଭମାନଙ୍କୁ ଯେଉଁ ଯେଉଁ ଆଜ୍ଞା ଦେଇଅଛି ସେହିସବୁ ପାଳନ କରିବାକୁ ଶିକ୍ଷା ଦେଇ ସେମାନଙ୍କୁ ଶିଷ୍ୟ କର, ଆଉ ଦେଖ ଯୁଗାନ୍ତ ପର୍ଯ୍ୟନ୍ତ ସଦାସର୍ବଦା ମୁଁ ତୁମ୍ଭମାନଙ୍କ ସଙ୍ଗେ ସଙ୍ଗେ ଅଛି । (ମାଥିଉ ୨୮:୧୯,୨୦) ପ୍ରଭୁ ଯୀଶୁଖ୍ରୀଷ୍ଟଙ୍କ ଅନୁଗ୍ରହ, ଈଶ୍ୱରଙ୍କ ପ୍ରେମ ଓ ପବିତ୍ର ଆତ୍ମାଙ୍କ ସହଭାଗିତା ତୁମ୍ଭ ସମସ୍ତଙ୍କ ସହବର୍ତ୍ତୀ ହେଉ । (୨ କରିନ୍ଥୀ ୧୩:୧୩) ।

ଏକ ଈଶ୍ୱରତ୍ୱରେ ତିନିଟି ବ୍ୟକ୍ତିତ୍ୱର ସମ୍ମିଳନ । Dalton Keyଙ୍କ ମତରେ ପବିତ୍ର God ପଦ କେବଳ ପିତା ପରମେଶ୍ୱରଙ୍କୁ ବୁଝାଏ, ଏହା ଏକ ''ଈଶ୍ୱରତ୍ୱ ପରିବାର''ର ସଂଜ୍ଞା । ଏକ ପରିବାର ସ୍ୱାମୀ, ସ୍ତ୍ରୀ ଏକାଙ୍ଗ ହେଲେ ସୁଦ୍ଧା ଯେପରି ଦୁଇ ଭିନ୍ନ ଭିନ୍ନ ବ୍ୟକ୍ତିତ୍ୱ ସେହିପି ସ୍ୱର୍ଗୀୟ ଐଶ୍ୱରିକ ପରିବାରର ସଭ୍ୟଗଣ ମଧ୍ୟ ଭିନ୍ନ ଭିନ୍ନ ବ୍ୟକ୍ତିତ୍ୱ ଅଟନ୍ତି ।

ପିତା ଈଶ୍ୱର ଅଟନ୍ତି (ଏଫିସୀ ୧:୩) ପୁତ୍ର ଯୀଶଖ୍ରୀଷ୍ଟ ଈଶ୍ୱର ଅଟନ୍ତି । (ଏବ୍ରୀ ୧:୮) । ପବିତ୍ର ଆତ୍ମା ମଧ୍ୟ ଈଶ୍ୱର ଅଟନ୍ତି । ପିତା ଓ ପୁତ୍ର ଦୁହେଁ ଏକ ନୁହଁନ୍ତି ବୋଲି, ଯୋହନ ୮:୧୬-୧୮, ମାର୍କ ୧୩:୩୨, ପ୍ରେରିତ ୨:୩୩, ୩୬, ୭:୩୫ ପଦଗୁଡ଼ିକ ପ୍ରମାଣ କରେ । ତଥାପି ପିତା ଓ ପୁତ୍ରଙ୍କର ଶିକ୍ଷା, ସୁରକ୍ଷା, ବାକ୍ୟ, କାର୍ଯ୍ୟ ଓ ଉଦ୍ଦେଶ୍ୟ ଏକ ଅଟେ । (୨ ଯୋହନ ୯, ଯୋହନ ୧୦:୨୭-୩୦, ଯୋହନ ୧୪:୮-୧୧, ୧୪:୧୬-୨୮, କଲସୀ ୨:୮-୧୦) [illegible] କରୁଣାମୟ ଅଟନ୍ତି । କିନ୍ତୁ ଦୁହେଁ ଏକ ବ୍ୟକ୍ତି ନୁହଁନ୍ତି ।

ଯୀଶୁଖ୍ରୀଷ୍ଟ ପବିତ୍ର ଆତ୍ମାଙ୍କୁ ଏକ ବ୍ୟକ୍ତି ରୂପେ ଯୋହନ ୧୬:୭-୧୬ ପଦଗୁଡ଼ିକରେ ଉପସ୍ଥାପିତ କରନ୍ତି । ସେ ଶିକ୍ଷା ଦେବାରେ ସାକ୍ଷ୍ୟ ଦେବାରେ ସକ୍ଷମ ଅଟନ୍ତି । ଆଦିମ ଖ୍ରୀଷ୍ଟିୟାନ ମଣ୍ଡଳୀରେ ହନନୀୟ ଓ ସଫିରା ପାପରେ ଧରା ପଡ଼ିଲା ବେଳେ ପିତର ତାହାଙ୍କୁ କହନ୍ତି ''ହେ ହନନୀୟ, ପବିତ୍ର ଆତ୍ମାଙ୍କ ନିକଟରେ ମିଥ୍ୟା କହିବାକୁ ଓ ଭୂମିର ମୂଲ୍ୟରୁ କିଛି ଲୁଚାଇ ରଖିବାକୁ କାହିଁକି ଶୟତାନ ତୁମ୍ଭ ହୃଦୟ ସମ୍ପୂର୍ଣ୍ଣ ଅଧିକାର କରିଅଛି ? (ପ୍ରେରିତ ୫:୩,୪) ଏହି ବାକ୍ୟଗୁଡ଼ିକ ପବିତ୍ର ଆତ୍ମାଙ୍କ ବ୍ୟକ୍ତିତ୍ୱ ପ୍ରକାଶ କରେ ।

ପବିତ୍ର ଆତ୍ମାଙ୍କ କାର୍ଯ୍ୟ ବହୁଳ । ପୁରାତନ ନିୟମରେ ଭାବବାଦୀମାନେ ପବିତ୍ର ଆତ୍ମାଙ୍କ ଶକ୍ତିରେ କଥା କହୁଥିଲେ । (୨ୟ ପିତର ୧:୨୦,୨୧) । ନୂତନ ନିୟମରେ ପବିତ୍ର ଆତ୍ମା ସତ୍ୟ ପ୍ରକାଶ କରି ପ୍ରମାଣ ସିଦ୍ଧ କଲେ । (ମାର୍କ ୧୬:୨୦, ଏବ୍ରୀ ୨:୩, ୪ ଯିହୂଦା ୩) । ପ୍ରେରିତମାନଙ୍କୁ କଅଣ କହିବା ଆବଶ୍ୟକ ପବିତ୍ର ଆତ୍ମା ଜଣାଇଥିଲେ ବୋଲି ମାଥିଉ ୧୦:୧୯,୨୦ ଓ ଯୋହନ ୧୪:୨୬,୧୬:୧୩ ପଦଗୁଡ଼ିକରୁ ଜାଣିପାରୁ ।

ପିତା ପୁତ୍ର ଓ ପବିତ୍ର ଆତ୍ମା 'ଈଶ୍ୱରତ୍ୱ'ର ତିନୋଟି ବ୍ୟକ୍ତି । (ଯୋହନ ୧:୧-୩, ୧୪) । ଯୀଶୁଖ୍ରୀଷ୍ଟ ଇମ୍ମାନୁୟେଲ ଅର୍ଥାତ୍ 'ଆମ୍ଭମାନଙ୍କ ସହିତ ଈଶ୍ୱର' ଅଟନ୍ତି । (ଯିଶାଇୟ ୭:୧୪ ମାଥିଉ ୧:୨୨,୨୩ । ଯୀଶୁଖ୍ରୀଷ୍ଟ 'ଈଶ୍ୱରତ୍ୱ'ର ତିନୋଟି ବ୍ୟକ୍ତିତ୍ୱର ଏକ ଈଶ୍ୱର ଅଟନ୍ତି ।

'ଈଶ୍ୱର' (God) ଏକ ପାରିବାରିକ ସଂଜ୍ଞା, ଯେଉଁ ସ୍ୱର୍ଗୀୟ ପରିବାରରେ ପିତା ପୁତ୍ର ଓ ପବିତ୍ର ଆତ୍ମା ଏକ ଅଭିନ୍ନ ଭାବେ ସମ୍ମିଳିତ ଅଟନ୍ତି ।

**-John Grubb**

❋ ❋ ❋

## ଈଶ୍ୱର ନିଃଶ୍ୱସିତ ବାଇବଲ ବାକ୍ୟ
### (The Bible is inspired by God)

ଯୁବକ ତୀମଥିଙ୍କୁ ପ୍ରେରିତ ପାଉଲ ଲେଖନ୍ତି, ''ସମସ୍ତ ଶାସ୍ତ୍ର ଈଶ୍ୱର ନିଃଶ୍ୱସିତ ଏବଂ ଶିକ୍ଷା, ଅନୁଯୋଗ, ସଂଶୋଧନ ଓ ଧାର୍ମିକତା ସମ୍ବନ୍ଧୀୟ ଶାସନ ନିମନ୍ତେ ଉପକାରୀ, ଯେପରି ଈଶ୍ୱରଙ୍କ ଲୋକ ସିଦ୍ଧ ହୋଇ ସମସ୍ତ ଉତ୍ତମ କାର୍ଯ୍ୟ ନିମନ୍ତେ ସୁସଜ୍ଜିତ ହୁଏ ।'' (୨ୟ ତୀମଥି ୩:୧୬,୧୭) । ବାଇବଲ ବାକ୍ୟଗୁଡ଼ିକ ସମ୍ପୂର୍ଣ୍ଣ ଭ୍ରାନ୍ତଶୂନ୍ୟ, ଈଶ୍ୱରଙ୍କ ନିଃଶ୍ୱସିତ ଅଟେ । 'ଈଶ୍ୱର ନିଃଶ୍ୱସିତ' ଅର୍ଥାତ୍ ଈଶ୍ୱରଙ୍କ ଠାରୁ ଆଗତ । ''Infaithable''ବା ଭ୍ରାନ୍ତଶୂନ୍ୟ ବା ତାହାଙ୍କ ବାକ୍ୟ ଅସତ୍ୟ ଶିକ୍ଷା ଦିଏ ନାହିଁ ।

ଏଠାରେ ଦୁଇଟି ସମ୍ଭାବନା ରହିଅଛି । ବାଇବଲ ବାକ୍ୟ ଈଶ୍ୱରଙ୍କ ଠାରୁ ଆଗତ କିଅବା ମନୁଷ୍ୟମାନଙ୍କ ଦ୍ୱାରା ଲିଖିତ । ଏହା ଈଶ୍ୱରଙ୍କ ଠାରୁ ବୋଲି ୨ୟ ପିତର ୧:୨୦,୨୧ ପଦ କହେ ପ୍ରଥମରେ ଏହା ଜ୍ଞାତ ହୁଅ ଯେ, ଶାସ୍ତ୍ରର କୌଣସି ଭାବବାଣୀ କେବେ ହେଁ ମନୁଷ୍ୟର ଇଚ୍ଛାରୁ ଉତ୍ପନ୍ନ ହୋଇନାହିଁ । ମାତ୍ର ଈଶ୍ୱର ପ୍ରେରିତ ମନୁଷ୍ୟମାନେ ପବିତ୍ର ଆତ୍ମାଙ୍କ ଦ୍ୱାରା ଚାଳିତ ହୋଇ କଥା କହିଥିଲେ ।

ଯୁଗାନୁକ୍ରମେ ବାଇବଲର ବାକ୍ୟ ଈଶ୍ୱର ନିଃଶ୍ୱସିତ ବୋଲି ମନୁଷ୍ୟମାନେ ସ୍ୱୀକାର କରିଅଛନ୍ତି । ପ୍ରେରିତ ପାଉଲ କରିନ୍ଥୀ ମଣ୍ଡଳୀକୁ ଲେଖନ୍ତି, କେହି ଯଦି ଆପଣାକୁ ଭାବବାଦୀ ବା ଆତ୍ମିକ ଦାନ ପ୍ରାପ୍ତ ବୋଲି ମନେ କରେ, ତାହାହେଲେ ମୁଁ ତୁମ୍ଭମାନଙ୍କୁ ଯାହା ଯାହା ଲେଖୁଅଛି, ସେହସବୁ ଯେ ପ୍ରଭୁଙ୍କ ଆଜ୍ଞା ଏହା ସେ ଅଜ୍ଞାତ ହେଉ ।'' (୧ମ କରିନ୍ଥୀ ୧୪:୩୭) । ଥେସଲନୀକି ମଣ୍ଡଳୀକୁ କହନ୍ତି, ''ଆଉ ଏହି କାରଣରୁ ଆମ୍ଭେମାନେ ମଧ୍ୟ ନିରନ୍ତର ଈଶ୍ୱରଙ୍କ ଧନ୍ୟବାଦ କରୁଅଛୁ ଯେ, ଯେତେବେଳେ ତୁମ୍ଭେମାନେ ଆମ୍ଭମାନଙ୍କ ଦ୍ୱାରା ପ୍ରଚାରିତ ଈଶ୍ୱରଙ୍କ ବାକ୍ୟ ଗ୍ରହଣ କଲ, ସେତେବେଳେ ତାହା ମନୁଷ୍ୟର ବାକ୍ୟ ଗ୍ରହଣ ନ କରି ବରଂ ଈଶ୍ୱରଙ୍କ ବାକ୍ୟ ସ୍ୱରୂପେ ଗ୍ରହଣ କରିଥିଲ, ଆଉ ବାସ୍ତବରେ ତାହା ଈଶ୍ୱରଙ୍କ ବାକ୍ୟ ଅଟେ । ପୁଣି ବିଶ୍ୱାସୀ ଯେ ତୁମ୍ଭେମାନେ ତୁମ୍ଭମାନଙ୍କ ଅନ୍ତରରେ ତାହା ମଧ୍ୟ କାର୍ଯ୍ୟ ସାଧନ କରୁଅଛି ।'' (୧ମ ଥେସଲନୀକୀ ୨:୧୩) । ''ପ୍ରତ୍ୟାଦେଶ ଦ୍ୱାରା ସେହି ନିଗୁଢ଼ ତତ୍ତ୍ୱ ମୋତେ ଜ୍ଞାତ କରାଗଲା, ଯେପରି ମୁଁ ପୂର୍ବେ ସଂକ୍ଷିପ୍ତ ଭାବରେ ଲେଖୁଅଛି, ତାହା ପଢ଼ି ଖ୍ରୀଷ୍ଟଙ୍କ ନିଗୁଢ଼ ତତ୍ତ୍ୱରେ ମୋର ଜ୍ଞାନର ପରିଚୟ ପାଇପାର । (ଏଫିସୀ ୩:୩,୪)

ଆମ୍ଭମାନଙ୍କ ତ୍ରାଣକର୍ତ୍ତା ପ୍ରଭୁ ଯୀଶୁଖ୍ରୀଷ୍ଟ ମଧ୍ୟ ବାଇବଲର ଲିଖିତ ବାକ୍ୟ ଈଶ୍ୱରଙ୍କ ବାକ୍ୟ ବୋଲି ସାକ୍ଷ୍ୟ ଦିଅନ୍ତି । ସ୍ୱର୍ଗାରୋହଣ ପୂର୍ବେ ଆପଣା ଶିଷ୍ୟମାନଙ୍କୁ କହନ୍ତି, ''.....ମୋଶାଙ୍କ ବ୍ୟବସ୍ଥା ଏବଂ ଭାବବାଦୀମାନଙ୍କ ଗୀତ ସଂହିତା ଧର୍ମଶାସ୍ତ୍ରରେ ମୋ ବିଷୟରେ ଯାହା ଯାହା ଲେଖାଅଛି ସେହିସବୁ ତୁମ୍ଭମାନଙ୍କୁ ଏହି ସମସ୍ତ କଥା କହିଥିଲି ।'' (ଲୂକ ୨୪:୪୪) । ନୂତନ ନିୟମ ଲେଖାଯିବା ପୂର୍ବେ ପ୍ରଭୁ ଯୀଶୁ ଆପଣା ଶିଷ୍ୟମାନଙ୍କୁ କହିଲେ, ''କିନ୍ତୁ ସେ, ଅର୍ଥାତ୍ ସତ୍ୟମୟ ଆତ୍ମା ଆସିଲେ ସେ ପଥ ଦେଖାଇ ତୁମ୍ଭମାନଙ୍କୁ ସମସ୍ତ ସତ୍ୟରେ ପ୍ରବେଶ କରାଇବେ । କାରଣ ସେ ଆପଣା ଠାରୁ କଥା କହିବେ ନାହିଁ । ମାତ୍ର ଯାହା ଯାହା ଶୁଣିବେ ସେହିସବୁ କହିବେ,

ପୁଣି ଆଗାମୀ ବିଷୟ ସବୁ ତୁମ୍ଭମାନଙ୍କୁ ଜଣାଇବେ । (ଯୋହନ ୧୬:୧୩) ।

କବିମାନେ ଆପଣା ଅନ୍ତରଭାବନା ଦ୍ୱାରା କବିତା ଲେଖିବା ସଦୃଶ୍ୟ ବାଇବଲ ଲେଖକମାନେ ବାଇବଲ ଲେଖୁଅଛନ୍ତି ବୋଲି ଅନେକଙ୍କ ଧାରଣା । ପୃଥିବୀର ଅନେକ ଲେଖକ ଲେଖିକା ସଦୃଶ୍ୟ ବାଇବଲର ଲେଖକଗଣ ମେଧାବୀ ନୁହନ୍ତି । କାରଣ ସେମାନଙ୍କ ଲିଖିତ ବାକ୍ୟ ସକଳ ସ୍ୱତଃ ନୁହେଁ କିନ୍ତୁ ଈଶ୍ୱର ନିଃଶ୍ୱସିତ । ଯେପରିକି ଯିରିମିୟ କହନ୍ତି, ''ସେତେବେଳେ ସଦାପ୍ରଭୁ ଆପଣା ହସ୍ତ ବଢ଼ାଇ ମୋର ମୁଖ ସ୍ପର୍ଶ କଲେ, ଆଉ ସଦାପ୍ରଭୁ ମୋତେ କହିଲେ, ଦେଖ ଆମ୍ଭେ ଆପଣା ବାକ୍ୟ ତୁମ୍ଭ ମୁଖରେ ଦେଲୁ ।'' (ଯିରିମିୟ ୧:୯) ।

**- John Grubb**

❋❋❋

# ଫିଲିପ ଓ କୂଶୀୟ ଧନଭଣ୍ଡାର ବେବର୍ତ୍ତା

## (Philip and the Treasurer from Ethopia)

ଯିରୁଶାଲମରୁ ଗାଜ୍ଜା ସଡ଼କରେ ଏକ ବ୍ୟକ୍ତି ଯାତ୍ରା କରୁଥିଲେ । ସେ ଯିରୁଶାଲମରେ ଈଶ୍ୱରଙ୍କ ଆରାଧନା କରି ସ୍ୱଦେଶକୁ ପ୍ରସ୍ଥାନ କରୁଥିଲେ । ସେ କୂଶଦେଶବାସୀ ଓ ସେ ଦେଶର ରାଣୀଙ୍କ ଧନଭଣ୍ଡାରର ବେବର୍ତ୍ତା । ତାହାଙ୍କ ବିଷୟରେ ବାକ୍ୟ କହେ,''.......କୂଶଦେଶୀୟମାନଙ୍କ କାଣ୍ଡାକୀ ନାମ୍ନୀ ରାଣୀଙ୍କର ଅଧିନସ୍ଥ ଜଣେ ଉଚ୍ଚପଦସ୍ଥ କୂଶୀୟ ନପୁଂସକ, ଯେ ତାଙ୍କ ସମସ୍ତ ଧନଭଣ୍ଡାରର ବେବର୍ତ୍ତା ଥିଲେ, ସେ ପୂଜା କରିବା ନିମନ୍ତେ ଯିରୁଶାଲମକୁ ଆସିଥିଲେ ।'' (ପ୍ରେରିତ ୮:୨୭)

ଏହି ବ୍ୟକ୍ତିଙ୍କ ନାମ କିଅବା ବୟସ ବିଷୟରେ ବାକ୍ୟରେ କିଛି ଲେଖାଯାଇନାହିଁ । କିନ୍ତୁ ସେ ଜଣେ ରାଣୀଙ୍କ ବିଶ୍ୱସ୍ତ ମନ୍ତ୍ରୀ ରୂପେ ଜାଣିପାରୁ । ସେ ଜଣେ ଯିହୂଦା ମତ ଅବଲମ୍ବୀ ଧାର୍ମିକ ବ୍ୟକ୍ତି ଥିଲେ । ଜଗତର ପ୍ରତ୍ୟେକ ପ୍ରାନ୍ତରୁ ଧାର୍ମିକ ଲୋକମାନେ ଯିରୁଶାଲମସ୍ଥ ମନ୍ଦିରରେ ଈଶ୍ୱରଙ୍କ ଆରାଧନା କରିବା ନିମନ୍ତେ ଆସୁଥିଲେ ।

ସେ ଯାତ୍ରା କରୁ କରୁ ୟିହୁଦା ଭାବବାଦୀ ଯିଶାଇୟଙ୍କ ଲିଖିତ ପୁସ୍ତକ ପଠନ କରୁଥିଲେ । ଜଣେ ଅପରିଚିତ ଲୋକେ ଆସି ତାହାଙ୍କୁ କହିଲେ,"........ଆପଣ ଯାହା ପାଠ କରୁଅଛନ୍ତି, ତାହା କଅଣ ବୁଝୁ ଅଛନ୍ତି ?" (ପ୍ରେରିତ ୮:୩୦-୩୧)

ନପୁଂସକଙ୍କ ଅପରିଚିତ ବ୍ୟକ୍ତିକୁ ଆମେ ଜାଣୁ । ତାହାଙ୍କ ନାମ ଫିଲିପ । ଏଥିପୂର୍ବେ ସେ ଯିରୁଶାଲମ ମଣ୍ଡଳୀରେ କାର୍ଯ୍ୟ ତତ୍ତ୍ୱାବଧାନ କରିବା ନିମନ୍ତେ ପ୍ରେରିତମାନଙ୍କ ଦ୍ୱାରା ଅଭିଷିକ୍ତ ହୋଇଥିଲେ । ସେ ଜଣେ ସୁସମାଚାର ପ୍ରଚାରକ । ସେ ଶମିରୋଣରେ ଅନେକ ଆଶ୍ଚର୍ଯ୍ୟ କର୍ମ ସାଧନ କରି ଖ୍ରୀଷ୍ଟଙ୍କୁ ପ୍ରଚାର କରିଥିଲେ (ପ୍ରେରିତ ୮:୫-୮) । ତାହାଙ୍କ କାର୍ଯ୍ୟ ଦ୍ୱାରା ଅନେକ ଖ୍ରୀଷ୍ଟଙ୍କ ଆଜ୍ଞାବହ ହୋଇଥିଲେ । (ପ୍ରେରିତ ୮:୧୨)

ପ୍ରଭୁଙ୍କର ଜଣେ ଦୂତ ଫିଲିପଙ୍କୁ ଯିରୁଶାଲମରୁ ଗଜ୍ଜା ଆଡ଼କୁ ଯିବା ପଥରେ ଯିବା ପାଇଁ ଆଜ୍ଞା ଦେଲେ । ଫିଲିପ ଯାଇ ସେ ରଥ ଦେଖିଲେ ପରେ ପ୍ରଭୁଙ୍କ ଦୂତ କହିଲେ,"........ନିକଟକୁ ଯାଇ ଏହି ରଥର ସାଙ୍ଗ ଧର ।" (ପ୍ରେରିତ ୮:୨୯) ସେମାନଙ୍କ କଥାବାର୍ତ୍ତା ପରେ ନପୁଂସକ ଫିଲିପଙ୍କୁ ରଥରେ ବସିବାକୁ ଆହ୍ୱାନ ଦେଲେ ଓ ଫିଲିପ ରଥରେ ଚଢ଼ି ତାହାଙ୍କ ନିକଟରେ ବସି ଯୀଶୁଙ୍କ ବିଷୟରେ ତାହାଙ୍କୁ ଶିକ୍ଷା ଦେଲେ । ନପୁଂସକ ଯିଶାଇୟଙ୍କ ପୁସ୍ତକର ୫୩:୭-୮ ପଠନ କରୁଥିଲେ, ଯାହା କହେ,"......ସେ ମେଷ ତୁଲ୍ୟ ହେବା ନିମନ୍ତେ ନୀତ ହେଲେ, ପୁଣି ଲୋମଛେଦନର ସମ୍ମୁଖରେ ମେଷଶାବକ ଯେପରି ନୀରବ ରୁହେ, ସେହିପରି ସେ ଆପଣା ମୁଖ ଫିଟାଇଲେ ନାହିଁ । ତାହାଙ୍କ ଅବନତ ହେବାରେ ତାହାଙ୍କ ଦଣ୍ଡ ଅପସାରିତ ହେଲା । ତାହାଙ୍କ ବଂଶ କିଏ ବର୍ଣ୍ଣନା କରିପାରିବ । କାରଣ ତାହାଙ୍କ ପ୍ରାଣ ପୃଥିବୀରୁ ଅପସାରିତ ହେଲା ।" (ପ୍ରେରିତ ୮:୩୨-୩୩) ଯୀଶୁଙ୍କ ବିଷୟରେ ଶିକ୍ଷାଦେବାର କେଡେ ସମଚୀତ ସମୟ ! ଯୀଶୁଖ୍ରୀଷ୍ଟ ଅନ୍ୟାୟଭାବେ ଯାତନା ସହ୍ୟ କଲେ, ବେତ୍ରାଘାତ ସହିଲେ, ଅପମାନିତ ହେଲେ ଏବଂ ଅନ୍ୟାୟ ବିଚାର ଫଳେ କ୍ରୁଶୀୟ ମୃତ୍ୟୁବରଣ କଲେ । ଫିଲିପ ନିଶ୍ଚିତଭାବେ ଯୀଶୁଙ୍କ ଆଶ୍ଚର୍ଯ୍ୟମୟ ଜନ୍ମ, ଜୀବନ ଓ ଶିକ୍ଷା ବିଷୟରେ ତାହାଙ୍କୁ ଜଣାଇଥିବେ ।

ଈଶ୍ୱରଙ୍କ ପୁତ୍ରଙ୍କ କୃତ ଆଶ୍ଚର୍ଯ୍ୟ କର୍ମଗୁଡ଼ିକ ବିଷୟରେ ଓ ତାହାଙ୍କ ମରଣ ମନୁଷ୍ୟମାନଙ୍କ ଅନନ୍ତଜୀବନଦାୟକ ବିଷୟରେ ସେ ତାହାଙ୍କୁ ଜଣାଇଥିବେ ।

ଫିଲିପ ନିଶ୍ଚିତଭାବେ ଯୀଶୁଙ୍କ ପୁନଃରୁତ୍ଥାନ ବିଷୟରେ ନପୁଂସକଙ୍କୁ ଜଣାଇଥିବେ । ଯୀଶୁଙ୍କ ବିଷୟରେ ଶିକ୍ଷା ଦେବାର ଅର୍ଥ, ତାହାଙ୍କ ଠାରେ ଥିବା ଜୀବନଦାୟକ ଭରସା ଓ ମୃତ୍ୟୁରେ ତାହାଙ୍କ ସହିତ ଅନନ୍ତଜୀବନ । ତାହାଙ୍କ ଜନ୍ମ, ଜୀବନ, ମରଣ ଓ ପୁନଃରୁତ୍ଥାନ ଦ୍ୱାରା ଆମ୍ଭେମାନେ ଜୀବନପ୍ରାପ୍ତ ହେଉ ।

**ପରମେଶ୍ୱରଙ୍କ ସନ୍ତୋଷ ପାତ୍ର ହେବା ନିମନ୍ତେ ମନୁଷ୍ୟଙ୍କୁ ବିଶ୍ୱାସ:** ''ଯେଣୁ ତୁମ୍ଭେମାନେ ଯେ ଆପଣା ଆପଣା ପାପରେ ମରିବ, ମୁଁ ତୁମ୍ଭମାନଙ୍କୁ ଏହା କହିଲି, କାରଣ ମୁଁ ଯେ ସେହି ବ୍ୟକ୍ତି, ଏହା ତୁମ୍ଭେମାନେ ବିଶ୍ୱାସ ନକଲେ ଆପଣା ଆପଣା ପାପରେ ମରିବ ।'' (ଯୋହନ ୮:୨୪) **ମନପରିବର୍ତ୍ତନ :** ''.....ନା, କିନ୍ତୁ ମନପରିବର୍ତ୍ତନ ନ କଲେ, ତୁମ୍ଭେମାନେ ସମସ୍ତେ ସେହି ପ୍ରକାରେ ବିନଷ୍ଟ ହେବ ।'' (ଲୂକ ୧୩:୩,୫) **ସ୍ୱୀକାର :** ''ଆଉ, ଯେକେହି ଲୋକଙ୍କ ସାକ୍ଷାତରେ ମୋତେ ସ୍ୱୀକାର କରିବ, ମୁଁ ମଧ୍ୟ ମୋହର ସ୍ୱର୍ଗସ୍ଥ ପିତାଙ୍କ ସାକ୍ଷାତରେ ତାହାଙ୍କୁ ଅସ୍ୱୀକାର କରିବି ।'' (ମାଥିଉ ୧୦:୩୨) **ବାପ୍ତିସ୍ମ :** ''ଯେ ବିଶ୍ୱାସ କରେ ଓ ସେ ପରିତ୍ରାଣ ପାଇବ, କିନ୍ତୁ ଯେ ଅବିଶ୍ୱାସ କରେ, ସେ ଦଣ୍ଡାଜ୍ଞା ପାଇବ ।'' (ମାର୍କ ୧୬:୧୬)

ଯାତ୍ରୀ, ଫିଲିପଙ୍କ **ଶିକ୍ଷାରେ** ବିଶ୍ୱାସ କଲେ । ବାକ୍ୟ କହେ,''ଆଉ ସେମାନେ ପଥରେ ଯାଉ ଯାଉ କୌଣସି ଗୋଟିଏ ଜଳାଶୟ ନିକଟରେ ଉପସ୍ଥିତ ହେଲେ, ସେଥିରେ ନପୁଂସକ କହିଲେ, ଏଠାରେ ତ ଜଳ ଅଛି, ମୋହର ବାପ୍ତିଜିତ ହେବା ନିମନ୍ତେ କଅଣ ବାଧା ଅଛି ? ଫିଲିପ କହିଲେ, ଆପଣ ସମସ୍ତ ଅନ୍ତଃକରଣ ସହିତ ଯଦି ବିଶ୍ୱାସ କରନ୍ତି, ତାହା ହେଲେ ହୋଇପାରେ । ସେଥିରେ ସେ ଉତ୍ତର ଦେଲେ, ଯୀଶୁଖ୍ରୀଷ୍ଟ ଯେ ଈଶ୍ୱରଙ୍କ ପୁତ୍ର ଏହା ମୁଁ ବିଶ୍ୱାସ କରୁଅଛି । ପୁଣି, ସେ ରଥ ଠିଆ କରିବାକୁ ଆଜ୍ଞା ଦେଲେ, ଆଉ ଫିଲିପ ଓ ନପୁଂସକ ଉଭୟ ଜଳ ଭିତରକୁ ଓହ୍ଲାଇଗଲେ, ଆଉ ଫିଲିପ ତାଙ୍କୁ ବାପ୍ତିସ୍ମ ଦେଲେ । ସେମାନେ ଜଳ ମଧ୍ୟରୁ ଉଠି ଆସନ୍ତେ, ପ୍ରଭୁଙ୍କର ଆତ୍ମା ଫିଲିପଙ୍କୁ ଘେନିଗଲେ, ଆଉ ନପୁଂସକ

ତାଙ୍କୁ ଆଉ ଦେଖିଲେ ନାହିଁ, ତଥାପି ସେ ଆନନ୍ଦ କରୁ କରୁ ଆପଣା ପଥରେ ଚାଲିଗଲେ ।'' (ପ୍ରେରିତ ୮:୩୬-୩୯)

ସେ ଛିଞ୍ଚା ବାପ୍ତିସ୍ମ ବା ବୁଡ଼ନ ଗ୍ରହଣ କରିଥିଲେ ? ଫିଲିପ ଓ କୁଶଦେଶୀୟ ନପୁଂସକ ଜଳ ଭିତରକୁ ଓହ୍ଲାଇଗଲେ ବୋଲି ପଢ଼ିପାରୁ, ଅର୍ଥାତ୍‌ସେ ବୁଡ଼ନ ଗ୍ରହଣ କରିଥିଲେ, ଯେହେତୁ ଛିଞ୍ଚା ବାପ୍ତିସ୍ମ ନିମନ୍ତେ ଜଳ ଭିତରକୁ ଓହ୍ଲାଇଯିବା ଆବଶ୍ୟକ ନାହିଁ । ନପୁଂସକଙ୍କ ବାପ୍ତିସ୍ମ ବୁଡ଼ନ ଥିଲା ଓ ନୂତନ ନିୟମରେ ଲିଖିତ ପ୍ରତ୍ୟେକ ବାପ୍ତିସ୍ମ ବୁଡ଼ନ ଅଟେ ।

ଯେଉଁମାନେ ପରମେଶ୍ୱରଙ୍କ ଆଜ୍ଞା ପାଳନ କରନ୍ତି, ପ୍ରତ୍ୟେକ ଆଶୀର୍ବାଦ ପ୍ରାପ୍ତ ହେବେ ।

***- Alfred A. Meeks***

❋❋❋

# ସ୍ଥିର ହୁଅ ଓ ପରମେଶ୍ୱରଙ୍କୁ ଜାଣ
## (Be Quiet And Listen to God)

ପରମେଶ୍ୱରଙ୍କ ଗୀତ ରଚକ କହନ୍ତି,''ସ୍ଥିର ହୁଅ, ଆମ୍ଭେ ପରମେଶ୍ୱର ଅଟୁ, ଏହା ଜାଣ, ଆମ୍ଭେ ଦେଶୀୟମାନଙ୍କ ମଧ୍ୟରେ ଉନ୍ନତ ହେବୁ, ଆମ୍ଭେ ପୃଥିବୀରେ ଉନ୍ନତ ହେବୁ ।'' (ଗୀ.ସଂ. ୪୬:୧୦) ହବକ୍‌କୂକ କହନ୍ତି,''ସଦାପ୍ରଭୁ ଆପଣା ପବିତ୍ର ମନ୍ଦିରରେ ଅଛନ୍ତି, ସମୁଦାୟ ପୃଥିବୀ ତାହାଙ୍କ ଛାମୁରେ ନୀରବ ରହୁ ।'' (ହବ ୨:୨୦) ସ୍ଥିରତା ହୋଇ ରହିବା ଅର୍ଥ ମନୁଷ୍ୟମାନଙ୍କ କାର୍ଯ୍ୟକଳାପରେ ବିଚଳିତ ନହୋଇ ନିଜ ଜୀବନରେ ସ୍ଥିର ହୋଇ ରହିବା । ଅନେକେ ନୀରବ ହୋଇ ରହିପାରନ୍ତି ନାହିଁ କାରଣ ଦିନର ଚବିଶ ଘଣ୍ଟା ମଧ୍ୟରେ ସେମାନଙ୍କ ଲାଗି ଛତିଶଘଣ୍ଟାର କାର୍ଯ୍ୟ ବ୍ୟସ୍ତତା ଥାଏ । ସେମାନେ ଜଗତ ବିଷୟରେ ଏପରି ଜଡ଼ିତ ଥାଆନ୍ତି ଯେ ଅନ୍ୟ କୌଣସି ବିଷୟ ପ୍ରତି ସେମାନଙ୍କ ଧ୍ୟାନ ନଥାଏ ।

ନିଜର ଭାବପ୍ରବଣତା ଓ ମନରଭାବକୁ ନିଜ ଜୀବନକୁ ଦମନ କରିବା ସକାଶେ ସୁଯୋଗ ନଦେବା ହେଉଅଛି ସ୍ଥିରତା । ଅନେକେ ନିଜର ଭାବପ୍ରବଣତା

ଓ ମନର ଭାବ ଦ୍ୱାରା ଏପରି ନିୟନ୍ତ୍ରିତ ହୁଅନ୍ତି ଅନ୍ୟ କୌଣସି ବିଷୟ ସକାଶେ ସେମାନେ ଖୋଲାଖୋଲି ଭାବେ ସମୟ ଦିଅନ୍ତି ନାହିଁ, ଏପରିକି ପରମେଶ୍ୱରଙ୍କ ଲାଗି ମଧ୍ୟ । ନିଜର ଭାବପ୍ରବଣତା ଓ ମନର ଭାବ ଦ୍ୱାରା ପରିଚାଳିତ ହୋଇ ଆତ୍ମକେନ୍ଦ୍ରିୟ ଓ ସ୍ୱାର୍ଥପର ବ୍ୟକ୍ତି ହୁଅନ୍ତି । ପ୍ରକୃତି, ପରିସ୍ଥିତିରେ ବନ୍ଧାହୋଇ ତାକୁ ନିୟନ୍ତ୍ରଣ କରିନପାରିଲେ ମଧ୍ୟ ବିଚଳିତ ହୋଇ ଅନ୍ୟର ନିନ୍ଦା କରି ବିଚାର ନକରିବା ହେଉଅଛି ସ୍ଥିରତା । ଅନ୍ୟର ନିନ୍ଦା-ପରିସ୍ଥିତିର ନିନ୍ଦା-ପରମେଶ୍ୱରଙ୍କ ନିନ୍ଦା । ଜଣକୁ ପରମେଶ୍ୱରଙ୍କ ସମ୍ମୁଖରେ ସ୍ଥିର ହେବାକୁ ବଞ୍ଚିତ କରେ ।

ପରମେଶ୍ୱରଙ୍କ ବାକ୍ୟ ଶୁଣିବା, ଶାସ୍ତ୍ର ମଧ୍ୟକୁ ଯିବା (ଦ୍ୱିତୀୟ ତୀମଥି ୩:୧୬,୧୭) ସାଧୁମାନଙ୍କ ନିକଟରେ ଏକାଥରକେ ସମର୍ପିତ ସତ୍ୟ ମଧ୍ୟକୁ ଯିବା (ଯିହୂଦା ୩ ପଦ) ମନୁଷ୍ୟମାନଙ୍କ ରୀତିନୀତିକୁ ତ୍ୟାଗ କରି ପରମେଶ୍ୱରଙ୍କ ବାକ୍ୟ (ବାଇବଲ)କୁ ଜାଣିବା । ପରମେଶ୍ୱରଙ୍କୁ ଶୁଣିବା ଅର୍ଥ ତାହାଙ୍କ ବ୍ୟବସ୍ଥା ଦିବାରାତ୍ର ଧ୍ୟାନ କରିବା, ଦୈନନ୍ଦିନ ଜୀବନର କାର୍ଯ୍ୟକଳାପରେ ପ୍ରକୃତରେ ପରମେଶ୍ୱରଙ୍କ ଇଚ୍ଛା ସଫଳ କରିବା । ଭାବପ୍ରବଣତା, ଭାବନା, କି ଅନ୍ୟ କୌଣସି ବିଷୟକୁ ପରମେଶ୍ୱରଙ୍କ ବାକ୍ୟକୁ ତୁଚ୍ଛ କରିବା ସକାଶେ ସୁଯୋଗ ନ ଦେବା । ସ୍ୱପ୍ନ, ଦର୍ଶନ, ମେଘାଚ୍ଛନ୍ନ, ଅସାମାନ୍ୟ, ଅଚିହ୍ନା, ଅଜଣା ସ୍ୱର ପରମେଶ୍ୱରଙ୍କ ବାକ୍ୟକୁ ପରିବର୍ତ୍ତନ କରିପାରିବ ନାହିଁ । ଏପରିକି ଉତ୍ତମ ବିବେକ ମଧ୍ୟ ବାକ୍ୟକୁ ପରିବର୍ତ୍ତନ କରିପାରିବ ନାହିଁ । ପରମେଶ୍ୱରଙ୍କ ଲିଖିତ ବାକ୍ୟ ନିଜ ଜୀବନରେ ବ୍ୟବହାର କରିବା ସକାଶେ ନିଜକୁ ସଂପୂର୍ଣ୍ଣ ମୁକ୍ତ ରଖିବା । ଜଣେ ବିଚାରକଲାବେଳେ, ଅନ୍ୟ ଜଣେ ତାହା ବୁଝେ । ଜଣେ ପ୍ରତ୍ୟାଖ୍ୟାନ କଲାବେଳେ ଅନ୍ୟଜଣେ ବ୍ୟବହାର କରେ । ଜଣେ ବିଳମ୍ବ କଲାବେଳେ, ଅନ୍ୟ ଜଣେ ଅତିଶୀଘ୍ର ବିନିଯୋଗ କରେ ।

ସ୍ଥିର ହୋଇ ପରମେଶ୍ୱରଙ୍କୁ ଜାଣିବା ସକାଶେ ବାଇବଲ, ପରମେଶ୍ୱରଙ୍କ ବାକ୍ୟ ମଧ୍ୟକୁ ଯାଇ ପାଳନ କରିବା ।

*- Gordon Hogan*

❋❋❋

Edited & Published by : Kabita & Joshua Gootam

5. They would set out first at any new location.
B. The tribes on the South Side.
1. The tribe of Reuben.
a. The army of Reuben was to be the standard on south side.(Num.2:10a).
b. Elizur the son of Shedeur is the leader of the army.(Num.2:10c).
c. They were numbered to be a total of 46,500 men.(Num.2:11).
2. The tribe of Simeon.
a. They camp next to Simeon.(Num.2:12a).
b. Their leader was Shelumiel the son of Zurishaddai.(Num.2:12b).
c. The number of the fighting men in this tribe was 59,300.(Num.2:13).
3. The tribe of Gad.
a. Third of the tribe on the south side.(Num.2:14).
b. God chose Eliasaph the son of Deuel to be their leader.(Num.2:14c).
c. There were as many as 45,650 fighting men in this tribe.(Num.2:15).
4. The total on the Southside was 151,450.(Num.2:16a).
5. They would set out second at any new location.(Num.2:16b).
C. The Tabernacle and the Levite.
1. The tabernacle should be set with the tribe of the Levites.(Num.2:17a).
2. It has to be in the middle of the camp.(Num.2:17b).
3. Every man by his standards was to be placed.(Num.2:17c).
4. The Levites were not numbered with the rest of Israel.(Num.2:33).
D. The Tribes on the West Side.
1. The tribe of Ephraim.
2. The tribe of Manasseh.
a. Manasseh is to be next of Ephraim.(Num.2:20a).
b. The leader of their army was Gamaliel the son of Pedahzur.(Num.2:20c).
c. The number of men above fighting age in this tribe was 32,200.(Num.2:21).
3. The tribe of Benjamin.
a. Third tribe on the western side.(Num.2:22a).
b. The leader of the tribe was Abidan the son of Gideoni.(Num.2:22b-d).
c. They were numbered to be 35,400 fighting men in this tribe.(Num.2:23).
4. The west side armies were under the command of Ephraim.(Num.2:24a)
5. The total number of fighting men in the west side was 108,100.(Num.2:24b).
6. They set out third.(Num.2:24c).
E. The Tribes on the North Side.
1. The tribe of Dan.
a. Dan is to be standard on the northern side.(Num.2:25a).
b. Ahiezer the son of Ammishaddai was the leader of the army.(Num.2:25c).
c. Their army had a total of 62,700 fighting men.(Num.2:26).
2. The tribe of Asher.
a. They are placed next to Dan.(Num.2:27a).
b. Pagiel the son of Ochran is to be the leader of the armies.(Num.2:27b)
c. Men numbered in this army were 41,500.(Num.2:28).
3. The tribe of Napthali.
a. Third tribe on this side was Napthali.(Num.2:29a).
b. Ahira the son of Enan was the leader of the Army.(Num.2:29b)
c. Fighting men in this tribe were 53,400 men.(Num.2:30).
4. The north side was commanded by Dan.(Num.2:30a).
5. The total number of fighting men under Dan was 157,600.(Num.2:30).
6. They set out last among the tribes at any new location.(Num.2:31).

F. The total of the number of fighting men is 603,550.

*II. Israel's obedience to the Lord.*

A. The Levites were not counted as Lord commanded Moses.(Num.2:33).

B. Israel camped by their tribes as the Lord commanded Moses.(Num.2:34).

### *III. Lessons we can learn from this.*

A. The Lord God is a God of order not confusion. (I Cor.14:33).

B. Even today God wants order in the church.

C. Apostles appointed abled men to perform activities in the first century. (Acts.6:1–6). -

D. Paul and Barnabas appointed elders at every congregation.(Acts.14:23).

E. Paul put Titus in c'‑rge of matters at Crete.(Tit.1:5).

F. The local congregations served under the oversight of elders.(Phil.1:1).

G. We are commanded to conduct worship services in an orderly manner. (1Cor.14:40).

H. Christians should strive to be organized to carry out His task of preaching the gospel.

### Conclusion:

1. The Lord God had given specific instructions to Israel as to move.
2. He chose the placements of the tribes on each side.
3. He chose the leaders of each tribe to lead the armies.
4. He is a God of order and not a God of chaos.
5. The nation of Israel did according to the commandments of the Lord.
6. Christians are to follow His commandments pertaining to our lives and His church.

*Bro. Ronnie Gootam.*

**Printed Book Only**

From :

SATYA VANI
P.O. Box 80,
Kakinada - 533 001

To

(FOR PRIVATE CIRCULATION ONLY)